ସମ୍ବାଦ
ବାଣିଜ୍ୟ BUSINESS NEWS
୨୦ ଫେବୃଆରି ୨୦୧୦

# ଆଇବିସିଏସ୍‌ରେ କନ୍‌ଭର୍ଜେନ୍‌ସ-୧୦

ଭୁବନେଶ୍ୱର,୧୯/୨(ଇମିସ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମ୍ୟାନେଜ୍‌ମେଣ୍ଟ୍ ପ୍ରତିଷ୍ଠାନ ଆଇବିସିଏସ୍‌ର ବାର୍ଷିକ ଉତ୍ସବ କନ୍‌ଭର୍ଜେନ୍‌ସ-୧୦ ଆଜି ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ରାଜସ୍ୱ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ, ବର୍ତ୍ତମାନ ପୁଞ୍ଜିନିବେଶ ପାଇଁ ଓଡ଼ିଶା ଶିଳ୍ପପତିମାନଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି । ତେଣୁ ନିଜ ରାଜ୍ୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାରେ ଲାଗିଛି । ତେଣୁ ପ୍ରତିଯୋଗିତାମୂଳକ ଦୁନିଆରେ ଯେପରି ନିଜର ସ୍ଥିତି ଦୃଢ଼ କରିପାରିବେ, ସେଥି ପ୍ରତି ଯତ୍ନବାନ ହେବାକୁ ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ସାଂସଦ ପ୍ରସନ୍ନ ପାଟଶାଣୀ ଓ ବିଧାୟକ ଅଶୋକ ପଣ୍ଡା । ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏମ୍ ପି ଜୈନ୍ ଉପସ୍ଥିତ ଥିଲେ । ଡିନ୍ ପ୍ରଫେସର ଶୁଭାଶିଷ ଦାସ ସଭାପତିତ୍ୱ କରିବା ସହ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ । ଉତ୍ସବର ଆବାହକ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

